# Akashvani, Sambalpur

# SAMBALPURI NEWS MORNING BULLETIN

## 5 April 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖାଦ୍ୟ ସୁରକ୍ଷାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜ୍‌ନାକେ ରାଜ୍ୟ କେବିନେଟ୍‌ର ଅନୁମୋଦନ୍ ମିଲିଛେ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରାଜ୍ୟ କେବିନେଟ୍‌ର ବୈଠକ୍‌ଥି ଇ ବାବଦ୍ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ଇ ଯୋଜ୍‌ନା ଅନ୍‌ସାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଆଉ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜ୍‌ନା ଅଧୀନ୍‌ଥି ଥିବା ସବୁ ହିତାଧିକାରୀମାନ୍‌କୁ ପାଖାପାଖି ନିୟମିତ କୋଟା ଛଡ଼ା ଆଉ ୫ କେଜି ଅଏତ୍‌କା ଚାଉଲ୍ ଦିଆଯିବା । କେବିନେଟର ରାୟ ଅନ୍‌ସାରେ ମାସ୍‌କ ୧ କୋଟି ୬୪ ଲାଖ୍ ମେଟ୍ରିକ୍ ଟନ୍ ଆଉ ବଛର୍‌କ ୧୯ କୋଟି ୭୧ ଲାଖ୍ ମେଟ୍ରିକ୍‌ଟନ୍ ଚାଉଲ୍ ସାଧାରଣ୍

ଲୁକ୍‌କୁ ବଂଟାଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ବଛର୍‌କ ୮ ହଜାର୍ ୮ ଶହ ୧୩ କୋଟି ର ଅତିରିକ୍ତ ଖର୍ଚ୍ଚା ବ୍ୟୟବରାଦ୍ କରିଛନ୍ ।

ରାସ୍ତା ଉନ୍ନତିକରଣ-କେନ୍ଦ୍ର ମଞ୍ଜୁରୀ ଏନ୍‌ଏସ୍‌ଡି

ନୂଆପଡ଼ା-ବଲାଙ୍ଗିର୍ ସିମ୍‌ନା ନ ଥିବା କୁରୁମ୍‌ପୁରୀ - ରାଜ୍‌ଖରିଆର୍ ରାସ୍ତାର୍ ଉନ୍ନତିକରଣ୍ ପ୍ରକଳ୍ପକେ କେନ୍ଦ୍ର ସର୍‌କାର୍ ମଞ୍ଜୁର୍ କରିଛନ୍ । ଇଥିର୍‌ଲାଗି ଛତିଶ୍‌ଗଡ଼୍‌ର ରାୟପୁର୍- ମହାସମୁନ୍ଦ ଇଲାକା ନୁ ଓଡ଼ିଶାକେ ଯୋଗାଯୋଗ୍ ଉନ୍ନତ୍ ହେଇପାର୍‌ବା । ଇଥି ପାଖାପାଖି ୪ ଶହ ୪୭ କୋଟି ଟଙ୍କା ଖର୍ଚ୍ଚା ହେବା । ସୁନାବେଡ଼ା ଅଭୟାରଣ୍ୟ ଆଉ ଦାରିଙ୍ଗ୍‌ବାଡ଼ି ବାଗିର୍ ପର୍ଯ୍ୟଟନ୍ ସ୍ଥଲୀକେ ଯେନ୍ତା ଜଲ୍‌ଦି ଆଉ ସୁବିଧାଥି ପହଁଚିହେବା ତାକେ ନଜର୍‌ଥି ରଖିକରି ଇ ପ୍ରକଳ୍ପକେ ପ୍ରାଥମିକତା ଦିଆଯାଇଛେ । କେନ୍ଦ୍ର ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ଼୍‌କରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଇ ସୂଚ୍‌ନା ଦେଇଛନ୍ । ଇ ପ୍ରକଳ୍ପକେ ମଞ୍ଜୁରୀ ମିଲିଥିବାର୍‌ନୁ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ପ୍ରଧାନ୍‌ମନ୍ତ୍ରୀ ଆଉ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଓଡ଼ିଆ ପକ୍ଷ-ଐତିହ୍ୟ ଗଣଦୌଡ଼          ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ପକ୍ଷ ପାଲନ୍‌ର ୫ ନମ୍ବର୍ ଦିନେ ଆଏଜ୍ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ଐତିହ୍ୟ ଗଣଦୌଡ଼ର ଆୟୋଜନ୍ କରାଯାଏଛେ । ସଖାଲର୍ ସାଢ଼େ ୫ ବଜେ ଭୁବ୍‌ନେଶ୍ୱର୍ ମୁକ୍ତେଶ୍ୱର୍ ମନ୍ଦିର୍‌ନୁ ଗଣଦୌଡ଼ ବାହାରିକରି ସହର୍ ପରିକ୍ରମା ଉତ୍‌ରୁ ରାଜାରାଣୀ ମନ୍ଦିର୍‌ତକ୍ ଯାଇଥିଲା ।

ମୋଡ଼େଲ୍ ସ୍କୁଲ୍-ମୁଖ୍ୟମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପ୍ରାଥମିକ ଶିକ୍ଷାକେ ବର୍‌କସ୍ କର୍‌ବାର୍ ଲାଗି ଫିʼ ପଂଚାୟତ୍ ନ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଥାପ୍‌ନା କରାଯିବା । ୫ ଏକଡ଼୍ ଜମିନ୍‌ଥି ଇ ବିଦ୍ୟାଳୟ ତିଆର୍ କରାଯିବା । ସବୁ ବିଦ୍ୟାଳୟର୍ ନିର୍ମାଣ୍ କାମ୍ ଲାଗି ୬ କୋଟି ଟଙ୍କା

ଖର୍ଚ୍ଚା କରାଯିବା । ଗଲାକାଏଲ୍ ରାଜ୍ୟସ୍ତରୀୟ ଖଡ଼ିଛୁଆଁ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବାବ୍‌ଦେ ଘୋଷ୍‌ନା କରିଛନ୍ । ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍‌ସାରେ ଅଙ୍ଗନବାଡ଼ି ମାନ୍‌କେ ଖେପ୍ ଖେପ୍ କରି ଶିଶୁବାଟିକାକେ ମିଶାଯିବା ବଲି ଭିଲ୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଆସାମ୍ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଆସାମ୍ ଗସ୍ତଥି ଯିବେ । ଆସାମ୍‌ର ଜୋର୍‌ହାଟ୍ ସଂସଦୀୟ କ୍ଷେତ୍ରର୍ ସୋନାରୀ ଆଉ ମରିଆନି ବିଧାନ୍‌ସଭା କ୍ଷେତ୍ର ନ ୨ ଦିନ୍ ଧରିକରି ବିଜେପି ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନ୍ ପ୍ରଚାର୍ କର୍‌ବେ ।

ପ୍ରମୁଖ ଶାସନ୍ ସଚିବ ଆଇ ଆଣ୍ଡ୍ ପି.ଆର୍

ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ଶାସନ୍ ସଚିବ ଶକ୍ତିକାନ୍ତ ଦାସ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ୍

କରିଛନ୍ । ଶ୍ରୀ ଦାସ ଭିନ୍ ଭିନ୍ ଅତ୍ୟାଧୁନିକ୍ ଲେବ୍ ବୁଲି ଦେଖ୍‌ବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ଦକ୍ଷତା ବିକାଶ୍ ଦିଗେ ଇ କେନ୍ଦ୍ର ମୁଖିଆ ଭୂମିକା ନେବା ବଲି କହିଛନ୍ । ପରିଦର୍ଶନ୍ ବେଲ୍‌କେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ୍ ଥିଲେ ।

ସଚିବସ୍ତରୀୟ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ସମ୍ମିଳନୀ କକ୍ଷ ନ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅର୍ଥ ବିଭାଗ୍ ତର୍‌ଫୁ ଗଲା ମାର୍ଚ୍ଚ ମାସ୍‌ତକ୍ ରାଜ୍ୟର୍ ଆର୍ଥିକ୍ ପ୍ରଦର୍ଶନ୍, ଖର୍ଚ୍ଚା ଆଉ ରାଜସ୍ୱ ଆଦାୟ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ରାଜସ୍ୱ ବିଭାଗ୍- ନୂଆଁ ପାଠାଗାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ନୂଆଁ ପାଠାଗାର୍‌କେ ମନ୍ତ୍ରୀ ସୁରେଶ୍ ପୂଜାରୀ

ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ପାଠାଗାର୍ ନ ଥିବାର୍ ସମ୍ବିଧାନ୍ ବହି ପଢ଼୍‌ବାର୍ ସହେତେ ପାଠାଗାର୍‌ର ପହେଲା ପାଠକ୍ ଭାବେ ରେଜିଷ୍ଟର୍‌ଥି ମନ୍ତବ୍ୟ ଲେଖିକରି ମନ୍ତ୍ରୀ ଶ୍ରୀ ପୂଜାରୀ ଦସ୍ତଖତ୍ କରିଥିଲେ ।

ରତ୍ନଭଣ୍ଡାର୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଗନ୍‌ତିର୍ ଆଏବା ଖେପ୍ ଏପ୍ରିଲ୍ ୮ ତାରିଖ୍‌ନୁ ହେବା । ବହୁତ୍ ନୀତିକାନ୍ତି ହଉଥିବାର୍ ଦିନ୍ ଆଉ ରଏବାର୍ ଛଡ଼ା ବାକି ଦିନ୍ ମାନ୍‌କେ ଇ ପ୍ରକ୍ରିୟା ଜାରି ରହେବା ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ । କିଛି ଦିନ ଆଘୋନୁ ଗନ୍‌ତିମନ୍‌ତି କାମ୍ ଏପ୍ରିଲ୍ ୮, ୯ ଆଉ ୧୦ ତାରିଖ୍ ଦିନ କର୍‌ବାର୍‌କେ ସ୍ଥିର୍ ହେଇଥିବାର୍ କଥା ଆଇନ୍‌ମନ୍ତ୍ରୀ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଥିଲେ ।

ଛତିଶା ନିଯୋଗ୍ ବୈଠକ୍        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଆଏବା ମଙ୍ଗଲ୍‌ବାର୍ ଦିନ ଛତିଶା ନିଯୋଗ୍ ଆଉ ନୀତି ସବ୍‌କମିଟିର୍ ବୈଠକ୍ ହେବା । ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ବୈଠକ୍‌ଥି ଚନ୍ଦନ୍ ଯାତ୍ରାର୍ ନୀତି ନିର୍ଘଂଟ ବାବ୍‌ଦେ ଆଲୋଚନା କରାଯିବା ।

ଖେଲ୍‌କୁଦ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍‌ଠାନୁ ୯ ତାରିଖ୍‌ତକ୍ ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଆନ୍ତଃବିଶ୍ୱବିଦ୍ୟାଳୟ ଖେଲ୍‌କୁଦ୍ ପ୍ରତିଯୋଗିତା ହେବା । ଇଥି ରାଜ୍ୟର୍ ୧୪ ଟା ବିଶ୍ୱବିଦ୍ୟାଳୟନୁ ମୋଟ୍ ୩ ଶହ ୪୬ ଝନ୍ ଖେଲାଳି ଭାଗ୍ ନେବେ । ପ୍ରତିଯୋଗିତାକେ ପରିଚାଳନା କର୍‌ବାର୍ ଲାଗି ୧୮ ଟା କମିଟି ଗଠନ୍ କରାଯାଇଛେ ।

ବିଶ୍ୱ ପାରା ତୀରନ୍ଦାଜ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଙ୍କକ୍ ନ ଚାଲିଥିବା ପହେଲା ବିଶ୍ୱ ପାରା ତୀରନ୍ଦାଜ୍ ରେଙ୍କିଙ୍ଗ୍ ସିରିଜ୍‌ରୁ ଓଡ଼ିଶାର୍ ପାୟଲ୍ ନାଗ୍ ସ୍ୱର୍ଣ୍ଣ ପଦକ୍ ହାସଲ୍ କରିଛନ୍ । ମହିଳା କମ୍ପାଉଣ୍ଡ ଫାଇନାଲ୍‌ରୁ ବିଶ୍ୱ ଚାମ୍ପିଅନ୍ ଶୀତଲ୍ ଦେବୀଙ୍କୁ ହରେଇକରି ସେ ସ୍ୱର୍ଣ୍ଣ ଜିତିକରି ରାଜ୍ୟ ଆଉ ଦେଶ୍ ଲାଗି ଗୌରବ୍ ଆନିଛନ୍ । ଇ ବଛ୍‌ରର୍ ରେଙ୍କିଙ୍ଗ୍ ସିରିଜ୍‌ରୁ ସାମିଲ୍ ୨ ଟା ସ୍ୱର୍ଣ୍ଣପଦକ୍ ଜିତିଛନ୍ ।